# Visit of Minister of Petroleum and Natural Gas to Kuwait

October 11, 2020

## କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରୀଙ୍କ କୁଏତ ଗସ୍ତ

**ଅକ୍ଟୋବର** 11, 2020

କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ 11-12 ଅକ୍ଟୋବର 2020 ରେ କୁଏତ ଗସ୍ତରେ ଯାଇ ଭାରତ ସରକାରଙ୍କ ତରଫରୁ କୁଏତର ନେତୃତ୍ୱଙ୍କୁ ତାଙ୍କ ଦେଶର ପୂର୍ବତନ ଆମୀର ମହାମହିମ ଶେଖ ସବାଃ ଅଲ-ଅହମ୍ମଦ ଅଲ-ଜାବର ଅଲ-ସବାଃଙ୍କ ନିଧନରେ ଶୋକ ପ୍ରକଟ କରିବେ। କେନ୍ଦ୍ର ମନ୍ତ୍ରୀ ଭାରତର ମହାମହିମ ରାଷ୍ଟ୍ରପତି ଏବଂ ମାନ୍ୟବର ପ୍ରଧାନ ମନ୍ତ୍ରୀଙ୍କ ସନ୍ଦେଶ ପତ୍ର କୁଏତର ନେତୃତ୍ୱଙ୍କୁ ପ୍ରଦାନ କରିବେ।

କୁଏତର ନୂତନ ଆମୀର ଭାବରେ ମହାମହିମ ଶେଖ ନୱାଫ ଅଲ-ଅହମ୍ମଦ ଅଲ-ଜାବର ଅଲ-ସବାଃ ଏବଂ ଯୁବରାଜ (କ୍ରାଉନ୍ ପ୍ରିନ୍ସ) ଭାବରେ ମହାମହିମ ଶେଖ ମିଶାଲ ଅଲ-ଅହମ୍ମଦ ଅଲ-ଜାବର ଅଲ-ସବାଃ ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କୁ ଭାରତ ସରକାରଙ୍କ ତରଫରୁ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅଭିନନ୍ଦନ ଜଣାଇବେ।

କୁଏତର ପୂର୍ବତନ ଆମୀର ମହାମହିମ ଶେଖ ସବାଃ ଅଲ-ଅହମ୍ମଦ ଅଲ-ଜାବର ଅଲ-ସବାଃଙ୍କର 29 ସେପ୍ଟେମ୍ବର 2020 ରେ ବିୟୋଗ ଘଟିଥିଲା। ତାଙ୍କ ବିୟୋଗରେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଶ୍ରୀ ଏସ୍ ଜୟଶଙ୍କର 1 ଅକ୍ଟୋବର 2020 ରେ **ନୂଆଦିଲ୍ଲୀ ସ୍ଥିତ** କୁଏତ ଦୂତାବାସକୁ ଯାଇ ଭାରତ ସରକାରଙ୍କ ତରଫରୁ ଶୋକ ପ୍ରକଟ କରିଥିଲେ ଏବଂ ଭାରତ ସରକାର 4 ଅକ୍ଟୋବର 2020 ରେ ଏକ ଦିବସୀୟ ରାଷ୍ଟ୍ରୀୟ ଶୋକ ପାଳନ କରିଥିଲେ।

ସ୍ୱର୍ଗତ ଆମୀରଙ୍କ ନେତୃତ୍ୱରେ ଭାରତ ଏବଂ କୁଏତ ଘନିଷ୍ଠ ଏବଂ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ବଜାୟ ରଖିଥିଲେ। ଦୁଇ ଦେଶର ଲୋକଙ୍କ ପାରସ୍ପରିକ ଲାଭ ପାଇଁ ଦ୍ୱିପାକ୍ଷିକ ଯୋଗଦାନକୁ ମାର୍ଗଦର୍ଶନ ତଥା ସୁଦୃଢ଼ କରିବାରେ ସେ ଭାରତର ଜଣେ ପ୍ରକୃତ ବନ୍ଧୁ ତଥା ଶୁଭେଚ୍ଛୁ ଥିଲେ। କୁଏତରେ ଦସ ଲକ୍ଷରୁ ଅଧିକ ଭାରତୀୟ ବସବାସ ଏବଂ କାର୍ଯ୍ୟ କରନ୍ତି।

ଉଭୟ ଦେଶ ବିଭିନ୍ନ କ୍ଷେତ୍ରରେ ସେମାନଙ୍କର ଐତିହାସିକ ସମ୍ପର୍କକୁ ଆଗକୁ ବଢାଇ ଚାଲିଛନ୍ତି ଏବଂ କୋଭିଡ୍-19 ମହାମାରୀ ସମୟରେ ମଧ୍ୟ ଘନିଷ୍ଠ ସହଯୋଗ କରିଛନ୍ତି।

**ନୂଆଦିଲ୍ଲୀ**
**ଅକ୍ଟୋବର** 11, 2020

DISCLAIMER: This is an approximate translation. The original is available in English on MEA's website and may be referred to as the official press release.